# ମହାତ୍ମାଗାନ୍ଧି ବୁଣାକାର ବୀମା ଯୋଜନା (ଏମ୍.ଜି.ବି.ବି.ଓ୍ୱାଇ)
# ପ୍ରଣୟନ କରିବା ପାଇଁ ନେର୍ଦ୍ଦେଶନାମା

## ଏକାଦଶ ପଞ୍ଚବାର୍ଷିକ ଯୋଜନା (୨୦୦୭-୦୮ ରୁ ୨୦୧୧-୧୨)

**ଉପକ୍ରମ :** ମହାତ୍ମଗାନ୍ଧୀ ବୁଣାକାର ବୀମା ଯୋଜନା ଡିସେମ୍ବର ୨୦୦୩ ମସିହାରେ ଭାରତ ସରକାରଙ୍କ ଦ୍ୱାରା ଆଗତ କରାଯାଇଥିଲା । ଏହି ଯୋଜନାଟି ଜନଶ୍ରୀ ବୀମା ଯୋଜନା ଏବଂ ଭାରତୀୟ ଜୀବନ ବୀମା କମ୍ପାନୀଙ୍କ ଦ୍ୱାରା ଆଗତ ଗ୍ରୁପ୍ ଇନ୍ସ୍ୟୁରାନ୍ସ ଯୋଜନା କୁ ମିଶାଇ ବନା ଯାଇଥିଲା । ୨୦୦୫ ମସିହାରେ ଏହି ଦୁଇ ଯୋଜନାକୁ ପରିବର୍ତ୍ତନ କରି ମହାତ୍ମାଗାନ୍ଧି ବୁଣାକାର ବୀମା ଯୋଜନା ନାମରେ ପ୍ରଣୟନ କରାଯାଇଥିଲା । ଏକାଦଶ ଯୋଜନା କାଳରେ ଅଧିକରୁ ଅଧିକ ହିତାଧିକାରୀଙ୍କ କଲ୍ୟାଣାର୍ଥେ ପ୍ରଣୟନ କରାଯାଇଥିଲା । ୨୦୭-୦୮ ମସିହାରେ *୬୬୬୬୬୬୫* ବୁଣାକାରଙ୍କୁ ଅନ୍ତର୍ଭୁକ୍ତ କରିବାପାଇଁ ଯୋଜନା ରଖାଯାଇଥିଲା ଏବଂ ୨୦୧୧-୧୨ ବେଳକୁ ସର୍ବୋପରି ପୁନଃ ବୀମା କାର୍ଯ୍ୟ କରିବାର ଲକ୍ଷ ରଖାଯାଇଅଛି ।

**ଉଦ୍ଦେଶ୍ୟ :** ଏହି ମହାତ୍ମାଗାନ୍ଧୀ ବୀମା ଯୋଜନାର ମୂଳଲକ୍ଷ୍ୟ ହେଲା ବାର୍ଷିକ ବୀମାରାଶିକୁ ଅଧିକରୁ ଅଧିକ ବୁଣାକାରମାନଙ୍କ ପାଖରେ ପହଞ୍ଚାଇବା ଏବଂ ଏଥିରେ ପ୍ରାକୃତିକ ମୃତ୍ୟୁବରଣ କିମ୍ବା କୌଣସି ଆଂଶିକ କିମ୍ବା ସମ୍ପୂର୍ଣ୍ଣ ଅଂଶ ହାନି ପାଇଁ ବୁଣାକାରମାନଙ୍କୁ ଏହାର ଫାଇଦା ପହଞ୍ଚାଇବା ।

**ଯୋଗ୍ୟତା :-**

୧. ଏହି ଯୋଜନାରେ ଅନ୍ତର୍ଭୁକ୍ତ ହେବାପାଇଁ ବୁଣାକାରମାନେ ନିମ୍ନଲିଖିତ ସର୍ତ୍ତ ପୂରଣ କରୁଥିବା ଦରକାର :-

- ବୁଣାକାର ନିଶ୍ଚିତଭାବେ ତାହାର ମୋଟ ଆୟର ୫୦ ପ୍ରତିଶତ ତନ୍ତ ବୁଣାକାମରୁ ହିଁ ରୋଜଗାର କରୁଥିବା ଦରକାର ।
- ଯେ କୌଣସି ବୁଣାକାର ସେ ପୁରୁଷ କିମ୍ବା ମହିଳା ହେଉ ଯଦି ୧୮ ରୁ ୫୯ ବର୍ଷ ମଧରେ ହୋଇଥିବ, ତେବେ ସେ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହୋଇପାରିବେ ।
- ଯେକୌଣସି ଶୀର୍ଷ ସମବାୟ ସମିତି, ପ୍ରାଥମିକ ସମବାୟ ସମିତି, ହସ୍ତତନ୍ତ ଉନ୍ନୟନ ନିଗମର ବୁଣାକାର ମଧ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହୋଇପାରିବେ । ସମବାୟ ସମିତିର ବାହାରେ ମଧ କାମକରୁ ଥିବା ବୁଣାକାରମାନେ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହୋଇ ପାରିବେ, କିନ୍ତୁ ସେମାନେ ରାଜ୍ୟ ହସ୍ତତନ୍ତ ନିର୍ଦ୍ଦେଶାଳୟ ତରଫରୁ ଏକ ପ୍ରମାଣ ପତ୍ର ଜମା କରାଇବେ ଯେ ସେ ସବୁ ପ୍ରକାର ସର୍ତ୍ତ ପାଳନ କରୁଛନ୍ତି ।
- ରାଜ୍ୟ ହସ୍ତତନ୍ତ ନିର୍ଦ୍ଦେଶଳାଳୟ ପାଦାଧିକାରୀଙ୍କର ଦାୟିତ୍ୱ ଯେ କିପରି ଅଧିକରୁ ଅଧିକ ବୁଣାକାର ଏହି ଯୋଜନାରୁ ଫାଇଦା ନେଇ ପାରିବେ ।
- ପ୍ରତି ରାଜ୍ୟ ହସ୍ତତନ୍ତ ନିର୍ଦ୍ଦେଶାଳୟର ମୁଖ୍ୟ ପଦାଧିକାରୀ ଓ ଏଲ.ଆଇ.ସି. ବ୍ୟାଙ୍କର ପଦାଧିକାରୀଙ୍କର ଦାୟିତ୍ୱ ଯେ ମହିଳା ବୁଣାକାର, ଅଳ୍ପ ସଂଖ୍ୟକ ବୁଣାକାର ଏବଂ ଉତ୍ତରପୂର୍ବ ରାଜ୍ୟର ବୁଣାକାରମାନଙ୍କୁ ମଧ ଅଧିକ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯିବ ।

**ପ୍ରଶାସନିକ :** କାର୍ଯ୍ୟାବଳୀ ରାଜ୍ୟ ସରକାରଙ୍କର ହସ୍ତତନ୍ତ ନିର୍ଦ୍ଦେଶାଳୟରେ ମୁଖ୍ୟ ପଦାଧିକାରୀ ଏବଂ ଜୀବନ ବୀମା ନିଗମର ପଦାଧିକାରୀ ମିଶି ସ୍ଥିର କରିବେ କେତେ ବୁଣାକାର ଏଥିରେ ଅନ୍ତର୍ଭୁକ୍ତ କରାଯିବ ।

ବୀମା ଯୋଜନାର ଉଲ୍ଲେଖନୀୟ ବୈଶିଷ୍ଟ ଉପାଦେୟତା :- (୧) ଏହି ଯୋଜନାଟିକୁ ଭାରତୀୟ ଜୀବନମୀମା ନିଗମ ହିଁ ପରିଚାଳନା କରାଇପାରିବେ ।

୨) ଜୀବନବୀମା ନିଗମର ପଦାଧିକାରୀ ଏବଂ ରାଜ୍ୟ ହସ୍ତତନ୍ତ ପଦାଧିକାରୀ ମିଶି ସ୍ଥିର କରିବେ କେତେ ଅଧିକ ବୁଣାକାର ଏଥିରେ ଅନ୍ତର୍ଭୁକ୍ତ କରାଯାଇପାରିବେ ।

**ସୁବିଧା :**

| କ୍ର.ନ. | | ୧.୧.୨୦୦୭ମସିହାଠାରୁ ଫାଇଦା |
|---|---|---|
| ୧ | ପ୍ରାକୃତିକ ମୃତ୍ୟୁ | ୬୦,୦୦୦/- |
| ୨ | ଦୁର୍ଘଟଣା ଜନିତମୃତ୍ୟୁ | ୧୫୦,୦୦୦/- |
| ୩ | ଅପଙ୍ଗ ବା କାର୍ଯ୍ୟ କରିବାର କ୍ଷମତା ହରାଇବା | ୧୫୦,୦୦୦/- |
| ୪ | ଆଂଶିକ ଆପଣଙ୍କ | ୭୫,୦୦୦/- |

**ବୀମାରାଶି :** ବାର୍ଷିକ ପ୍ରତି ବ୍ୟକ୍ତିପିଛା ବିମାରାଶି ୩୩୦ ଯାହାକି ଏହି ପ୍ରକାର ଅଂଶ ଧନ ବଣ୍ଟନ କରାଯାଇ ଅଛି ।

| | |
|---|---|
| ଭାରତ ସରକାରଙ୍କ ଅଂଶ | ୧୫୦/- |
| ବୁଣାକାରଙ୍କ ଅଂଶ | ୮୦/- |
| ଜୀବନବୀମା ନିଗମର ଅଂଶ | ୧୦୦/- |
| ମୋଟ ବୀମା ରାଶି | ୩୩୦/- |

**ପରିଚାଳନାଗତ ନିତିନୀୟମ :**

୧ ପ୍ରତିବର୍ଷ ବୀମାକୁ ପୁନଃନବୀକରଣ କରାଯାଇଥାଏ ଆଉ ଗୋଟିଏ ପଲିସ୍ ଯଦି ପ୍ରତିବର୍ଷ ଠିକ୍ ସମୟରେ ପ୍ରିମିୟମ ରାଶି ଦିଆଯାଇ ପୁନଃନବୀକରଣ ହୁଏ, ତାହେଲେ ବୀମାଟି ଉଦ୍‌ଜିବିତ ହୋଇପାରିବ । ବୀମା ଜନିତ ପ୍ରିମିୟମ ରାଶି ହିତାଧିକାରୀ ବର୍ଷକୁ ଥରେ ଭାରତରେ ଜୀବନ ବୀମା ନିଗମଙ୍କୁ ନେବା ଦରକାର । ଏହି ଯୋଜନାଟି ୧.୧୦ ୨୦୦୭ରୁ ଲାଗୁ ହୋଇଅଛି ।

୨. ବୀମା ଜନିତ ପ୍ରିମିୟମ ରାଶି ଥରେ ଦେବାପରେ, ଏହା ଆଉ ଫେରସ୍ତ ଯୋଗ୍ୟ ନୁହେଁ ।

୩. ପ୍ରତିବର୍ଷ ଯେତେ ସର୍ବାଧିକ ପଲିସ୍‌କୁ ପୁନଃନବୀକରଣ କରାଯିବା ଦରକାର । ପଲିସ୍ ସେତେବେଳେ ଲାଗୁ ରହେ, ଯେତେବେଳେ ବୀମା ଜନିତ ପ୍ରିମିୟମ ରାଶି ନିଜେ ବୁଣାକାର ଓ ସରକାର ଦୁହେଁ ଉଭୟଙ୍କର ଅଂଶ ରାଶି ପୁରାଦେଇ ଥାଆନ୍ତି । କିଛି ଅସାଧାରଣ ସମୟରେ ଭାରତୀୟ ଜୀବନ ବୀମା ହିତାଧିକାରୀଙ୍କର ଅଂଶଧନ ଗ୍ରହଣ କରି ଥାଏ ଓ ସେହି ଅନୁସାରେ ବୀମା ଗ୍ରହଣ ହୋଇଥାଏ ।

୪. ରାଜ୍ୟ ହସ୍ତତନ୍ତ ନିର୍ଦ୍ଦେଶାଳୟଙ୍କର ମୁଖ୍ୟ ପଦାଧିକାରୀ ଏବଂ ତାଙ୍କର କ୍ଷେତ୍ର ଅଧିକାରୀମାନେ ହିଁ ଏହି ଯୋଜନାଟି ପ୍ରଣୟନ କରିବାରେ ମୁଖ୍ୟ ଭାରଗ୍ରହଣ କରିଥାଆନ୍ତି । ମୁଖ୍ୟ ସଂସ୍ଥା ହୋଇଥିବା ଯୋଗୁଁ ଏହା ହିତାଧିକାରୀମାନଙ୍କ ସ୍ୱାର୍ଥରକ୍ଷା ନିମିତ୍ତ ଯୋଜନାଟି ପ୍ରଣୟନ କରିବାରେ ସହାୟକ ହେବ ଏବଂ ହିତାଧିକାରୀଙ୍କ ତରଫରୁ ଯେତେ ଯାହା ସୁବିଧା ଓ ଅସୁବିଧା ଆସିଥାଏ, ତାହା ସେମାନେ ସମାଧାନ

କରି ଥାଆନ୍ତି ଓ ସମାଧାନ କରିବାରେ ସହାୟକ ମଧ କରିଥାଆନ୍ତି । ଭାରତୀୟ ଜୀବନବୀମା ନିଗମ ରାଜ୍ୟ ହସ୍ତତନ୍ତ ନିର୍ଦ୍ଦେଶାଳୟ ସହିତ ସମନ୍ୱୟରଖି ହୀତାଧିକାରୀଙ୍କୁ ଚିହ୍ନଟ କରିଥାଏ, ଫର୍ମ ଓ ଅନ୍ୟାନ୍ୟ ବିବରଣୀ ପହଞ୍ଚାଇବା ଅଧିକରୁ ଅଧିକ ଲୋକଙ୍କୁ ଅନ୍ତର୍ଭୁକ୍ତ କରିବାପାଇଁ ସାହାର୍ଯ୍ୟ କରିଥାଏ ।

୫. ଜଣେ ସୁହିତାଧିକାରୀ ହିସାବରେ ସେ ତାହାର ଦରଖାସ୍ତ ଫର୍ମଟିକୁ ଠିକ ଭାବେ ପୂରଣ କରି ଦରକାର ନିୟମାନୁସାରେ ବୀମା ପ୍ରିମିୟମ ରାଶିର ନିଜ ଅଂଶ ସହିତ ମୁଖ୍ୟ ସଂସ୍ଥାଙ୍କଠାରେ ଜମା କରାଇବା ଦରକାର । ଏହି ସଂସ୍ଥାଙ୍କପାଖରେ ଦରଖାସ୍ତ ଫର୍ମ ଉପଲବ୍ଧ ହୋଇଥାଏ । ଏଥିରେ କୌଣସି ସ୍ୱାସ୍ଥ୍ୟ ଜନିତ ଡାକ୍ତରଙ୍କର ପ୍ରମାଣପତ୍ର ଦରକାର ପଡି ନଥାଏ । ନିଜେ ହିତାଧିକାରୀଙ୍କ ଦ୍ୱାରା ଦିଆଯାଇଥିବା ପ୍ରମାଣପତ୍ର ଏହି ବାବଦ ରେ ସବୁକିଛି ହୋଇଥାଏ ।

୬. ମୁଖ୍ୟ ସଂସ୍ଥାଙ୍କ ଦ୍ୱାରା ଦରଖାସ୍ତଫର୍ମ ଜମା କରିବା ପରେ ତର୍ଜମା କରାଯାଇଥାଏ ଓ ଯଦି ତର୍ଜମା ପରେ ଏହା ଦେଖାଗଲା ଯେ ସେହି ଦରଖାସ୍ତକାରୀ ଜଣେ ହିତାଧିକାରୀ ହେବାର ଯୋଗ୍ୟ, ତାହା ହେଲେ ସମ୍ପୂର୍ଣ୍ଣ ବୀମାରାଶିର ହିତାଧିକାରୀ ଅଂଶଧନ ନେଇ ଏହାକୁ ଭାରତୀୟ ଜୀବନବୀମା କାର୍ଯ୍ୟଳୟରେ ଦିଆଯାଇଥାଏ ।

୭. ବହୁତଗୁଡିଏ ଦରଖାସ୍ତ ଫର୍ମ ମୁଖ୍ୟ ସଂସ୍ଥାଙ୍କ ଦ୍ୱାରା ଗ୍ରହଣ କରାଯିବା ପରେ ଏହାର ଏକ ତାଲିକା ବନାଇ ଭାରତୀୟ ଜୀବନ ବୀମାଙ୍କ କାର୍ଯ୍ୟଳୟରେ ଦେଇଥାଆନ୍ତି । ଏହାପରେ ଭାରତୀୟ ଜୀବନବୀମା ନିଗମ ତରଫରୁ ଏକ କାର୍ଡ ସେହି ବୁଣାକାରମାନଙ୍କୁ ଦିଆଯାଇଥାଏ । ଯେଉଁଥିରେ ପୁଣି କେବେ ପ୍ରିମିୟମ ଦିଆଯିବ, ତାହାର ମାସ, ଦିନ, ବର୍ଗ ଆଦି ସେଥିରେ ଲେଖା ହୋଇଥାଏ । ଏହି କାର୍ଡ ମାଧମରେ ହିତାଧିକାରୀ ଭାରତୀୟ ଜୀବନବୀମା ନିଗମଠାରୁ ସେମାନଙ୍କର ଦାବି କରି ଥାଆନ୍ତି । ଏହି କାର୍ଡ ଆଞ୍ଚଳିକ ଭାଷାରେ ହେବା ଦରକାର କାରଣ ବୁଣାକାର ତାହା ହେଲେ ତାଙ୍କର ଦାବୀ ଉପସ୍ଥାପନ କରି ପାରିବେ ।

୮. ମୃତ୍ୟୁ ପରେ କିମ୍ବା ଅପଙ୍ଗ ହୋଇଗଲେ, ସେହି ଦରଖାସ୍ତ ଫର୍ମରେ ଉଲ୍ଲେଖିଥିବା ତାଙ୍କ ପରିବାରର ଲୋକେ ସଠିକ ପ୍ରମାଣପତ୍ର ଯଥା ମୃତ୍ୟୁ ପ୍ରମାଣପତ୍ର ବା ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ପ୍ରମାଣ ପତ୍ର ଡାକ୍ତରଖାନାରୁ ମୁକ୍ତ ହୋଇଥିବା ପ୍ରମାଣ ପତ୍ର ଇତ୍ୟାଦି ମୁଖ୍ୟ ସଂସ୍ଥାଙ୍କ ପାଖରେ ଜମା କରାଇବା ଦରକାର । ଏହି ସବୁପ୍ରମାଣପତ୍ର ସହିତ ମୁଖ୍ୟ ସଂସ୍ଥା ୧୫ ଦିନ ମଧରେ ଏଲ.ଆଇ.ସି କାର୍ଯ୍ୟାଳୟରେ ଜମା କରାଇଥାଆନ୍ତି ।

ମୁଖ୍ୟ ସଂସ୍ଥାଠାରୁ ସମସ୍ତ କାଗଜ ଓ ପ୍ରମାଣପତ୍ର ପାଇବାର ଏକ ମାସ ମଧରେ ଏଲ.ଆଇ.ସି. ତରଫରୁ ବୀମାରାଶି ଚେକ୍ ସିଧା ହିତାଧିକାରୀଙ୍କୁ ଦେଇ ପାରନ୍ତି ବା ମୁଖ୍ୟ ସଂସ୍ଥାଙ୍କ ମାଧମରେ ସମସ୍ତ ରାଶି ପ୍ରାପ୍ତ କରାଇଥାଆନ୍ତି ।

୯. ଯଦି ଥରେ ପ୍ରିମିୟମ ଜନିତ ରାଶି ଦିଆ ନଗଲା ତାହେଲେ ହିତାଧିକାରୀ ଆଉ ବୀମାକୃତ ହୋଇ ପାରିବେ ନାହିଁ ପୁଣି ଯଦି ହିତାଧିକାରୀ ଚାହିଁବେ ଭବିଷ୍ୟତରେ ସେହି ପଲିସ୍‌କୁ ଚାଲୁ କରାଇବା ପାଇଁ, ତାହେଲେ ସେ ପରେ ଦରକାର ପରିମାଣର ପ୍ରିମିୟମ ଧନରାଶି ଦେଇ ଏହାକୁ ଚଲାଇ ପାରିବେ ।

୧୦. ଯଦି କୌଣସି ବୁଣାକାର ତାହାର ସମବାୟ ସମିତି ପରିବର୍ତ୍ତନ କରେ ବା ଅନ୍ୟତ୍ର ପଳାଇଗଲେ, ସେହି କ୍ଷେତ୍ରରେ ମୁଖ୍ୟସଂସ୍ଥାଙ୍କୁ ଲେଖା ମାଧମରେ ଜଣାଇବାକୁ ପଡିବ ।

୧୧. ଏହି ଯୋଜନାଟିକୁ ବୁଣାକାରମାନଙ୍କ ପାଖରେ ବହୁଳମାତ୍ରାରେ ପହଞ୍ଚାଇବାକୁ ରାଜ୍ୟ ହସ୍ତତନ୍ତ ଉନ୍ନୟନ

ନିଗମ, ଶୀର୍ଷ ତନ୍ତୁବାୟ ସମିତି ପ୍ରାଥମିକ ତନ୍ତୁବାୟ ସମିତି ଇତ୍ୟାଦି ସଂସ୍ଥାମାନଙ୍କ ମୁଖ୍ୟ ଭୂମିକା ଗ୍ରହଣ କରିଥାଆନ୍ତି

୧୨. ମୁଖ୍ୟ ସଂସ୍ଥାଙ୍କର ଦାୟିତ୍ୱ ହେଲା ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ଏହି ଯୋଜନାରେ କେତେ ହିତାଧିକାରୀଙ୍କୁ ପାଇଦା ମିଳିଲା ଓ କେତେ ହିତାଧିକାରୀ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହେଲେ ଇତ୍ୟାଦି ଏକ ଚିଠି ବନାଇ କେନ୍ଦ୍ର ହସ୍ତତନ୍ତ ଉନ୍ନୟନ କମିଶନଙ୍କୁ ଜଣାଇବେ ।

## ଅଧିକ ଫାଇଦା :

୧. ଏକ ସ୍ୱତନ୍ତ୍ର ଯୋଜନା ମାଧମରେ ବୁଣାକାରମାନଙ୍କର ପିଲାମାନଙ୍କୁ ମଧ ଶିକ୍ଷାବୃତ୍ତି ଦିଆଯାଇଥାଏ, ଯାହା ହେଉଛି ଶିକ୍ଷା ସହଯୋଗ ଯୋଜନା ।

୨. ପ୍ରତି ୩ ମାସରେ ୩୦୦ଟଙ୍କା ଲେଖାଏଁ ପ୍ରତି ପିଲା ପିଛା ଦିଆଯାଇଥାଏ ଏବଂ ଏହି ବୃତ୍ତି କେବଳ ନବମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଦିଆଯାଇଥାଏ ଆଉ ବୃତ୍ତିର ସମୟ ସୀମା ହେଲା ପ୍ରତିବର୍ଷ ଜୁନ୍‌ରୁ ମେ ମାସ ପର୍ଯ୍ୟନ୍ତ ।

୩. ଏହି ସୁବିଧା କେବଳ ଦୁଇଟି ସନ୍ତାନଙ୍କୁ ମିଳିଥାଏ, ଏଥିରେ ପୁଅ ବା ଝିଅ ର ଫରକ କିଛି ନଥାଏ ।

୪. ଯଦି କୌଣସି ଛାତ୍ର/ଛାତ୍ରୀ ସେହି ଗୋଟିଏ ଶ୍ରେଣୀରେ ଫେଲ୍ ହୋଇ ଦୁଇବର୍ଷ ବା ଅଧିକ ପର୍ଷ ପାଠପଢେ ତାହେଲେ ତାକୁ ଅନ୍ୟ ଶ୍ରେଣୀକୁ ନଯିବା ପର୍ଯ୍ୟନ୍ତ ଏହି ବୃତ୍ତି ବିଳିବ ନାହିଁ । ଏହି ଯୋଜନାର ଲକ୍ଷ ହେଲାବୁଣାକାର ମାନଙ୍କର ମେଧାବୀ ଛାତ୍ର ଛାତ୍ରୀଙ୍କୁ ଉତ୍ସାହିତ କରାଇ ପିଲାମାନଙ୍କୁ ରାସ୍ତା ଦେଖାଇବାରେ ସାହାଯ୍ୟ କରିବା ଯାହା ଦ୍ୱାରା ଅନ୍ୟ ବୁଣାକାର ପରିବାର ଏପରି କରିବାକୁ ଆଗ୍ରହୀ ହେବେ ।

୫. ଯଦି ଥରେ କୌଣସି ବୁଣାକାର ମହାତ୍ମାଗାନ୍ଧୀ ବୁଣାକାରବୀମା ଯୋଜନାରେ ଅନ୍ତର୍ଭୁକ୍ତ ହୋଇଥାଆନ୍ତି, ତାହେଲେ ତାଙ୍କୁ ଆଉଥରେ ଆୟ ଜନିତ ପ୍ରମାଣପତ୍ର ଦେବା ଦରକାର ନାହିଁ ।

୬. ଏହି ଶିକ୍ଷା ସହାୟକ ଯୋଜନା ପାଇଁ କୌଣସି ଅଲଗା ପ୍ରିମିୟମ୍ ଦବାକୁ ପଡିନଥାଏ । ମହାତ୍ମାଗାନ୍ଧୀ ଯୋଜନା ପ୍ରିମିୟମ ଦେଇ ଦେଲେ ଶିକ୍ଷା ଯୋଜନା ପାଇଁ ଆଉ କିଛି ଅଧିକ ରାଶି ଦେବାକୁ ପଡିନଥାଏ ଏବଂ ଏହା ଏକ ଅଧିକା ସାହାଯ୍ୟ । ଯଦି ବୁଣାକାର ମହାତ୍ମାଗାନ୍ଧୀ ବୁଣାକାରବୀମା ଯୋଜନା ବାବଦ ପ୍ରିମିୟମ ଦେଇନଥିବେ ତାହେଲେବୃତ୍ତି ପାଇପାରିବେ ନାହିଁ ।

୭. ମହାତ୍ମା ଗାନ୍ଧୀ ବୁଣାକାର ବୀମା ଯୋଜନାରେ ରାଜ୍ୟରେ ଗ୍ରହିତ ହୋଇଥିବା ବୁଣାକାରଙ୍କ ଅନୁପାତରେ ଶିକ୍ଷା ସହାୟକ ଯୋଜନା ପାଇ ଲକ୍ଷ୍ୟଧାର୍ଯ୍ୟ କରାଯାଇଥାଏ । ମହାତ୍ମା ଗାନ୍ଧୀ ବୁଣାକାର ଯୋଜନାରେ ଗ୍ରହଣ କରାଯାଇଥିବା ବୁଣାକାର ଶିକ୍ଷା ସହାଯୋଗ ଯୋଜନାର ଫାଇଦା ପାଇପାରିବେ । ସାରା ରାଜ୍ୟରେ ମୋଟ ଦରଖାସ୍ତକାରୀ ଓ ଶିକ୍ଷା ସହାୟକ ଯୋଜନା ନେବା ପାଇଁ ଇଚ୍ଛା ପ୍ରକଟ କରିଥିବା ବୀମାକାରୀ ବ୍ୟକ୍ତିଙ୍କୁ ନେଇ ଦେଖାଯିବ, ଯେପରି ସବୁଠୁ ଗରିବ ବୁଣାକାରଙ୍କୁ ଏହି ସୁଯୋଗ ମିଳୁଛି । କାରଣ ଶିକ୍ଷା ସାହାଯ୍ୟ ଯୋଜନା ବହୁତ ସୀମିତ ଏବଂ ଲିଙ୍ଗ ବିଶେଷରେ ଏହି ବୃତ୍ତି ଦିଆଯାଇନଥାଏ ।

୮) ମହାତ୍ମାଗାନ୍ଧୀବୁଣାକାର ବୀମା ଯୋଜନାରେ ଗ୍ରହଣ କରାଯାଇଥିବା ବୁଣାକାର ଯାହାଙ୍କ ପିଲା ଶିକ୍ଷା ସହଯୋଗ ଯୋଜନାର ଫାଇଦା ନେବା ପାଇଁ ଏକ ଦରଖାସ୍ତ ଫର୍ମ ପୂରଣ କରି ମୁଖ୍ୟ ସଂସ୍ଥାଙ୍କ ପରେ ପଇଠ କରିବାକୁ ପଡିଥାଏ । ସେହି ଦରଖାସ୍ତକୁ ତର୍ଜମା କରି ଏକ ପ୍ରମାଣପତ୍ର ସହ ବିଭିନ୍ନ ବୁଣାକାରମାନଙ୍କର ଚିଠା ବନାଇ ଏଲ.ଆଇ.ସି. କାର୍ଯ୍ୟାଳୟକୁ ପଠାଯାଇଥାଏ । ଏହି ଶିକ୍ଷା ସହାୟକ

ରାଶୀ ମୁଖ୍ୟ ସଂସ୍ଥାଙ୍କ ମାଧମରେ ହିଁ ହିତାଧିକାରୀଙ୍କୁ ନିଆଯାଇଥାଏ ।

୯. ଏକ ତାଲିକା ସହିତ ନିର୍ଦ୍ଦିଷ୍ଟ ପରିମାଣର ଏକାଉଣ୍ଟ ଚେକ୍ ମୁଖ୍ୟ ସଂସ୍ଥାଙ୍କ ନାମରେ ଆସିଥାଏ, ଏବଂ ଏହାପରେ ମୁଖ୍ୟ ସଂସ୍ଥାର ଅଧିକାରୀ ସେହି ନିର୍ଦ୍ଦିଷ୍ଟ ବୁଣାକାରଙ୍କୁ ଡକାଇ ତାଙ୍କର ନିର୍ଦ୍ଦିଷ୍ଟ ପରିମାଣର ରାଶି ଦେବାପରେ ଏ ସବୁର ହିସାବ ଲିଖିତ ଆକାରରେ ରଖି ଏହାର ଉପଯୋଗିତା ପ୍ରମାଣପତ୍ର ସହିତ ଏଲ.ଆ.ସି. ପିଏଣ୍ଡଜି କକ୍ଷକୁ ପଠାଇ ଦେଇଥାଆନ୍ତି ।

**ଧନରାଶି ଦାବି କରିବାର ପ୍ରକ୍ରିୟା :**

ମୃତ୍ୟୁ ବରଣ କରିଥିବା ବ୍ୟକ୍ତିଙ୍କର ପରିଜନଙ୍କ ଦ୍ୱାରା ତାଙ୍କର ମୂଳ ମୃତ୍ୟୁ ପ୍ରମାଣପତ୍ର ଓ ଏଲ.ଆଇ.ସି. କାର୍ଡ ସହିତ ଅନ୍ୟାନ୍ୟ କାଗଜ ଆଦି ମୁଖ୍ୟ ସଂସ୍ଥାଙ୍କଠାରେ ପଇଠ କରାଇବା ଦରକାର । ଏହାପରେ ମୁଖ୍ୟ ସଂସ୍ଥା ତାଙ୍କ ତରଫରୁ ସମସ୍ତ ବ୍ୟବସ୍ଥା କରାଇ ସେହି ନିର୍ଦ୍ଦିଷ୍ଟ ଏଲ.ଆଇ.ସି କାର୍ଯ୍ୟାଳୟରେ ଜମା କରାଇ ଥାଆନ୍ତି । ଏହାର ସମସ୍ତ ପ୍ରକ୍ରିୟା ସରିବାପରେ ଏଲ.ଆଇ.ସି. କାର୍ଯ୍ୟାଳୟତରଫରୁ ଏକାଉଣ୍ଟ ଚେକ୍ ହିତାଧିକାରୀଙ୍କୁ ଦେଇଥାଆନ୍ତି, ଏବଂ ଏହାର ଏକ କପି ରାଜ୍ୟ ହସ୍ତତନ୍ତ ବିଭାଗ ଓ କେନ୍ଦ୍ର ହସ୍ତତନ୍ତ ଉନ୍ନୟନ କମିଶନରଙ୍କ ଗୋଚରାର୍ଥେ ଦେଇଥାଆନ୍ତି । ଯଦି ଦୁର୍ଘଟଣା ଜନିତ ମୃତ୍ୟୁ ହୋଇଥାଏ, ତାହେଲେ ଏକ ପୋଲିସ୍ ରିପୋର୍ଟ ଦେବାକୁ ବାଧ । ଏହିସବୁ ପ୍ରକ୍ରିୟା ଏଲ.ଆଇ.ସି.ର ସୋସିୟାଲ ସିକ୍ୟୁରିଟି ଗ୍ରୁପ୍ ସ୍କିମ୍‌ରୁ ଉଦ୍ଧାର କରାଯାଇଛି ।

**ଧନରାଶି ମୁକ୍ତିର ପ୍ରକ୍ରିୟା :**

୧) ଧନରାଶି ଦେବା ପାଇଁ ଏଲ.ଆଇ.ସି. ଏବଂ ରାଜ୍ୟ ହସ୍ତତନ୍ତ ବିଭାଗ ପ୍ରଭାରୀ ଅଧିକାରୀ ହିତାଧିକାରୀଙ୍କୁ ଚିହ୍ନଟ କରାଇ ଥାଆନ୍ତି । ପ୍ରତ୍ୟେକ ଆଗତ ଚିଠାପତ୍ରରେ କେତେଜଣ ହିତାଧିକାରୀ ଅନ୍ତର୍ଭୁକ୍ତ କରାଯାଇଛନ୍ତି ଓ କେତେକ ହିତାଧିକାରୀଙ୍କର ଦାବିକୁ ପୂରଣ କରାଯାଇଅଛି, ଏହି ସବୁ ବର୍ଣ୍ଣନା କରାଯିବା ଦରକାର ।

୨) ଭାରତ ସରକାରଙ୍କର ପ୍ରିମିୟମ ଜନିତ ଧନରାଶିର ଅଂଶ ସିଧାସଳଖ ଏଲ.ଆଇ.ସି.କୁ ଦିଆଯାଇଥାଏ ।

**ପର୍ଯ୍ୟବେକ୍ଷଣ ଓ ମୂଲ୍ୟାଙ୍କନ :**

୧) ଏହି ଯୋଜନାର ପର୍ଯ୍ୟବେକ୍ଷଣ ଓ ମୂଲ୍ୟାଙ୍କନ ରାଜ୍ୟ ସରକାରଙ୍କ ଦ୍ୱାରା କରାଯାଇଥାଏ ଏବଂ ଏହାର ଏକ ରିପୋର୍ଟ ବ୍ୟକ୍ତିବିଶେଷ ଓ ଆର୍ଥିକ ଦୃଷ୍ଟିରୁ ପଠାଯାଇଥାଏ ।

୨) ଏଲ.ଆଇ.ସି. କାର୍ଯ୍ୟାଳୟ ତରଫରୁ ପ୍ରତିମାସ ଦ୍ୱିତୀୟ ସପ୍ତାହରେ ଏକ ବୈଠକ ଡକାଇଥାଆନ୍ତି ଯେଉଁଥିରେ ରାଜ୍ୟ ହସ୍ତତନ୍ତ ଉପାଧକ୍ଷ, ଅଧକ୍ଷ ଓ ହସ୍ତତନ୍ତ କମିଶନର କାର୍ଯ୍ୟାଳୟର ପ୍ରଭାରୀ ଅଧିକାରୀ ଭାଗନେଇଥାଆନ୍ତି ଏବଂ ବିଭିନ୍ନ ପ୍ରକାର ସମସ୍ୟା, ମୋଟ ହିତାଧିକାରୀଙ୍କ ସଂଖ୍ୟା, କେତୋଟି ଦାବି ପୂରଣ କରାଯାଇଅଛି, ଇତ୍ୟାଦି ବିଷୟରେ ଆଲୋଚନା ହୋଇଥାଏ ।

୩) କେନ୍ଦ୍ର ହସ୍ତତନ୍ତ ଉନ୍ନୟନ କମିଶନର ତାଙ୍କ ଆଞ୍ଚଳିକ କାର୍ଯ୍ୟାଳୟ ଦ୍ୱାରା ଏହି ଯୋଜନାଟିକୁ ଦେଖିବା ସହିତ ବିଭିନ୍ନ ସମୟରେ ରାଜ୍ୟ ହସ୍ତତନ୍ତ ବିଭାଗ ଓ ଏଲ.ଆଇ.ସି. କାର୍ଯ୍ୟାଳୟମାନଙ୍କ ସହିତ ଯୋଜନାର ଅଗ୍ରଗତି ଜାଣିବା ପାଇଁ ଆଲୋଚନା କରିଥାଆନ୍ତି ।

୪) ଏହି ଯୋଜନାର ମୂଲ୍ୟାଙ୍କନ ଏକାଦଶ ଯୋଜନା ର ମଧବର୍ତ୍ତିକାଳରେ କରାଯିବ ।

**ବି.କେ. ସିହ୍ନା**
ହସ୍ତତନ୍ତ ଉନ୍ନୟନ କମିଶନର
ଦୂରଭାଷା : ୨୩୦୬୨୯୪୫, ୨୩୦୬୩୬୮୪